# ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,(ଦେବୋତ୍ତର),ପାଟଣାଗଡ଼

**ବିଜ୍ଞାପନ ସଂଖ୍ୟା...1475......ତା25/03/26ରିଖ**

ଏତଦ୍ଵାରା ଏହି ବିଜ୍ଞାପନ ମାଧ୍ୟମରେ ସମସ୍ତଙ୍କୁ ସୂଚିତ କରି ଦିଆଯାଉଅଛି ଯେ ଆର୍ଥିକ ବର୍ଷ ୨୦୨୬-୨୭ ରେ ହରିଶଙ୍କର ମନ୍ଦିରର ବିଭିନ୍ନ ଆୟଉତ୍ସ ର ପରିଚାଳନା ନିମ୍ନଲିଖିତ ସନ୍ଦର୍ଭ ଓ ସର୍ତ୍ତାବଳୀ ଅନୁଯାୟୀ ଅଭିବ୍ୟକ୍ତି ପ୍ରକାଶନ (Expression of Interest) ର ଆହ୍ଵାନ କରାଯାଉଅଛି । ଏହି ଆୟଉତ୍ସ ର ଅଭିବ୍ୟକ୍ତି ପ୍ରକାଶନରେ କେବଳ ପାଟଣାଗଡ଼ ଉପଖଣ୍ଡର ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ଭାଗ ନେଇପାରିବେ ।

୧.ଏହି ଅଭିବ୍ୟକ୍ତି ପ୍ରକାଶନ ଫର୍ମ ଗ୍ରହଣ ତା.୨୫.୦୩.୨୦୨୬ ରୁ ତା.୩୧.୦୩.୨୦୨୬ ଅପରାହ୍ନ ଘ.୨.୦୦ ପର୍ଯ୍ୟନ୍ତ ବଳବତ୍ତର ରହିବ (କେବଳ ସରକାରୀ କାର୍ଯ୍ୟ ସମୟରେ ) । ତା.୨୭.୦୩.୨୬ ରୁ ତା.୨୯.୦୩.୨୬ ସରକାରୀ ଛୁଟି ଅବସରରେ ମଧ ଦିବା ଘ.୧୦.୦୦ ରୁ ଅପରାହ୍ନ ଘ.୫.୩୦ ପର୍ଯ୍ୟନ୍ତ ଫର୍ମ ଗ୍ରହଣ କରାଯିବ ।

୨.ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ମାନେ ଏହି ଅଭିବ୍ୟକ୍ତି ପ୍ରକାଶନ ର ସମସ୍ତ ଦସ୍ତାବିଜ ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ତଥା ୱେବସାଇଟ (www.balangir.odisha.gov.in) ରୁ ଡାଉନଲୋଡ଼ କରିପାରିବେ ।

୩.ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ମାନେ ଧାର୍ଯ୍ୟ ମୂଲ୍ୟର ୧୦% ଅର୍ଥ ଅମାନତ ଦେୟ ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ ,ଦେବୋତ୍ତର,ପାଟଣାଗଡ଼ (Sub-Collector-cum-Executive Officer, Devottar, Patnagarh) ଙ୍କ ସପକ୍ଷରେ Demand Draft ଆକାରରେ (ଯାହାକି ପାଟଣାଗଡ଼ରେ ଉଠାଣ କିମ୍ବା Sub-Collector-cum-Executive Officer, Devottar, Patnagarh ଙ୍କ SBI, Main Branch Patnagarh A/c No.11263177818 IFSC Code:SBIN0001321 ରେ ଜମା କରି ବିଡ଼ ଫର୍ମ ସହ ଦାଖଲ କରିବେ । Demand Draft ଅଥବା ବ୍ୟାଙ୍କ ଖାତା ଆବେଦନକାରୀଙ୍କ ହେବା ବାଧ୍ୟତାମୂଳକ ।ଆବେଦନକାରୀ ନିଜ ବ୍ୟତୀତ ଅନ୍ୟ **ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ର** Demand Draft ଦାଖଲ କଲେ କିମ୍ବା ଅନ୍ୟ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରୁ ଅମାନତ ରାଶି ଜମା କଲେ ଅଭିବ୍ୟକ୍ତି ପ୍ରକାଶନ (Expression of Interest) କୁ ସ୍ଵୀକାର କରାଯିବ ନାହିଁ ।

୪. ନିମ୍ନୋକ୍ତ ଉଲ୍ଲେଖ ସମ୍ମିଳିତ ଟ.୧୦/- ର Non-Judicial stamp ପେପର ରେ ଏକ ଘୋଷଣାନାମା ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ବିଡ଼ ଫର୍ମ ସହ ସଂଲଗ୍ନ କରିବେ ।

<u>ଘୋଷଣାନାମା</u>:-

- ଆମ୍ଭେ /ମୁଁ (ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ର ନାମ ) କୋଣସି ବ୍ୟାଙ୍କ ଅଥବା ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଦ୍ଵାରା ପ୍ରଦତ୍ତ ଋଣ ପରିଶୋଧ କରିବାରେ ଖିଲାଫ କରିନାହୁଁ ।
- ଯଦି ଆମ୍ଭେ /ମୁଁ (ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ର ନାମ )ଆର୍ଥିକ ଉତ୍ସ ପରିଚାଳନା ନିମନ୍ତେ ଦାୟିତ୍ଵ ନ୍ୟସ୍ତ କରାଯିବା ପରେ ଚୁକ୍ତି ଅବଧି ମଧରେ ଦାୟିତ୍ଵ ତୁଲାଇବାରେ ଅଥବା ସେବା ପ୍ରଦାନରେ ବିଫଳ ହେବୁ ତେବେ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନାର ଦାୟିତ୍ଵ ନିର୍ବାହ ପାଇଁ ଯୋଗ୍ୟ ବିବେଚିତ ହେବୁ ନାହିଁ ।
- ଆମ୍ଭେ /ମୁଁ (ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ର ନାମ ) କୌଣସି ପୂର୍ବବର୍ତ୍ତୀ ଦାୟିତ୍ଵ ତୁଲାଇବା ସମୟରେ କଳାତାଲିକା ଭୁକ୍ତ ହୋଇନାହୁଁ ।

ଆମ୍ଭେ /ମୁଁ (ବ୍ୟକ୍ତି /ସଂସ୍ଥା/ ସ୍ଵୟଂ ସହାୟକ ଗୋଷ୍ଠି ର ନାମ ) ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡ଼ଙ୍କ ସହ ସ୍ଵାକ୍ଷରିତ ବୁଝାମଣା ଜ୍ଞାପନ ପତ୍ର (Memorandum of Understanding) ର ସର୍ତ୍ତାବଳୀ ଅନୁପାଳନ କରିବୁ ।

୫. ଆବେଦନକାରୀ ମାନେ ଜଉମୁଦ ଲଫାପା ଗୁଡ଼ିକ ତା.୨୫.୦୩.୨୬ ରୁ ତା.୩୧.୦୩.୨୬ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ ରେ ପକାଇ ପାରିବେ । ତା.୨୭.୦୩.୨୬ ରୁ ତା.୨୯.୦୩.୨୬ ସରକାରୀ ଛୁଟି ଅବସରରେ ମଧ ଟେଣ୍ଡର ବାକ୍ସ ରେ ଦିବା ଘ.୧୦.୦୦ ରୁ ଅପରାହ୍ନ ଘ.୫.୩୦ ପର୍ଯ୍ୟନ୍ତ ଜଉମୁଦ ଲଫାପା ଟେଣ୍ଡର ବାକ୍ସ ରେ ପକାଇ ପାରିବେ ।

୬.ନିର୍ଦ୍ଧାରିତ ଅବଧି ପରେ କୌଣସି ଅଭିବ୍ୟକ୍ତି ପ୍ରକାଶନ (Expression of Interest) କୁ ବିଚାରକୁ ନିଆଯିବ ନାହିଁ ।

୭.ସମସ୍ତ ଜଉମୁଦ ଲଫାପାଗୁଡ଼ିକ ତା.୩୧.୦୩.୨୦୨୬ ଦିନ ଅପରାହ୍ନ ୩.୦୦ ଘଟିକା ସମୟରେ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବାକୁ ସ୍ଥିରକୃତ କରାଯାଇଛି ।

୮.ଅଭିବ୍ୟକ୍ତି ପ୍ରକାଶନ (Expression of Interest) ଲଫାପା ଖୋଲାଯିବା ସମୟରେ ବିଡ଼ରେ ଅଂଶଗ୍ରହଣ କରିଥିବା (ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠି)ର ପ୍ରତିନିଧି ଉପସ୍ଥିତ ରହିବେ ।ସମ୍ପୃକ୍ତ ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିର ଅନୁପସ୍ଥିତିରେ ଦେବୋତ୍ତର ଉପଦେଷ୍ଟା ବୋର୍ଡ଼ ଅଭିବ୍ୟକ୍ତି ପ୍ରକାଶନ (Expression of Interest) ର ଲଫାପାକୁ ଖୋଲି ପାରିବେ ।

୯.କୌଣସି ଉତ୍ସ ପାଇଁ ସର୍ବୋଚ୍ଚ ମୂଲ୍ୟ ଯାଚିକା ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠି ପୁଣି ଯାଚିକା ମୂଲ୍ୟର ୧୦% ରାଶି କିସ୍ତି ଆକାରରେ ପଇଠ କରି ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡ଼ଙ୍କ ସହ ବୁଝାମଣା ଜ୍ଞାପନ ପତ୍ର (Memorandum of Understanding) ସ୍ୱାକ୍ଷର କରିବେ ।ତତସଙ୍ଗେ ଚୁକ୍ତି ମୂଲ୍ୟର ୩୦% ଅର୍ଥ ବର୍ଷ -୨୦୨୬ ମେ ମାସଶେଷ ସୁଦ୍ଧା କିସ୍ତି ଆକାରରେ ପଇଠ କରିବେ । ଅବଶିଷ୍ଟ ୫୦% ରାଶି ପ୍ରତି ଦୁଇ ମାସ ଯାଚିକା ମୂଲ୍ୟର ୧୦% ରାଶି କିସ୍ତି ଆକାରରେ ପଇଠ କରିବେ ।ଶେଷ କିସ୍ତି ଫେବୃଆରୀ-୨୦୨୭ ଶେଷ ସୁଦ୍ଧା ପଇଠ କରିବେ ।

୯.ସର୍ବୋଚ୍ଚ ମୂଲ୍ୟ ଯୋଗ୍ୟ ବିବେଚିତ ହୋଇଥିବା ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିର ର ଅମାନତ ରାଶି ଶେଷ କିସ୍ତି ରେ ଭରଣା କରାଯିବ ।ଅନ୍ୟ ମାନଙ୍କ ଅମାନତ ରାଶି ଯଥାଶିଘ୍ର ଫେରସ୍ତ କରାଯିବ ।

୧୦.ଏହି ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡ଼ଙ୍କ ଦ୍ୱାରା ଗଠିତ ଏକ କମିଟି ଦ୍ୱାରା ବିଭିନ୍ନ ପରିମାପକ ଯଥା ଯୋଗ୍ୟ ବ୍ୟକ୍ତିଙ୍କ କାର୍ଯ୍ୟବିଧି ରେ ଅଂଶଗ୍ରହଣ ,ଆର୍ଥିକ ବ୍ୟବହାର ,ଉତ୍ତମ ସେବା ପ୍ରଦାନ , ସାଧୁତା,ଅନ୍ନଭୋଗର ଗୁଣବତ୍ତା ,ସାଧୁତା ଏବଂ ଯୋଗ୍ୟତା ଭିତ୍ତିରେ ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିର ମୂଲ୍ୟାଙ୍କନ କରାଯିବ ।ଅନ୍ୟ କୌଣସି କ୍ଷେତ୍ରରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ହେବ ନାହିଁ ଏବଂ ଏ ସମ୍ପର୍କରେ ଆବେଦନକାରୀ ଅଣ୍ଡରଟେକିଂ ଦେବେ ।

୧୧.ବିଡ଼ରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିର ପୂର୍ବ ରେକର୍ଡ ତଥା ବିଶ୍ୱସନୀୟତାରେ ଅସନ୍ତୋଷ କ୍ଷେତ୍ରରେ ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡ଼ ସମ୍ପୃକ୍ତ ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିର ବିଡ଼ ଆବେଦନ ଖାରଜ କରିପାରିବେ ।

୧୨. କମିଟି ନିଷ୍ପତ୍ତି ସମ୍ପର୍କରେ କୌଣସି ଅଭିଯୋଗ ଟେଲିଫୋନ ,ଇମେଲ,ଫ୍ୟାକ୍ସ ଅଥବା ବ୍ୟକ୍ତିଗତ ସାକ୍ଷାତ ଗ୍ରହଣୀୟ ହେବ ନାହିଁ ।

୧୩.ସେବାର ଗୁଣବତ୍ତା ସଂକ୍ରାନ୍ତରେ କୌଣସି ବିବାଦ ଉପୁଜିଲେ ପ୍ରାଧିକୃତ କର୍ମକର୍ତ୍ତାଙ୍କ ଦ୍ୱାରା ଯାଞ୍ଚ କରାଯିବ ।ସେବାର ଗୁଣବତ୍ତା ଖରାପ ରହିଲେ ଦୁଇଥର ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡ଼ଙ୍କ ଦ୍ୱାରା ପରିଚାଳକ ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିକୁ ନୋଟିସ କରାଯିବ ।ତାସତ୍ତ୍ୱେ ମଧ୍ୟ ସେବାର ଗୁଣବତ୍ତା ଭଲ ନ ରଖିଲେ ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡ଼ ସଂପୃକ୍ତ ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିର ପରିଚାଳନା ରଦ୍ଦ କରିପାରିବେ ।

ପ୍ରକାଶ ଥାଉକି:-୧.ସର୍ବୋଚ୍ଚ ନିଲାମ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି ।
୨.ଏହି ନିଲାମ ଖିଲାଫକାରୀ ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠିକୁ ଦିଆଯିବ ନାହିଁ ।
୩.କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉକ୍ତ ନିଲାମ କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।
୪.ପୂର୍ବ ବର୍ଷ ମାନଙ୍କରେ ସମସ୍ତ କିସ୍ତି ପଇଠ ନ କରିଥିବା ବ୍ୟକ୍ତି /ସଂସ୍ଥା/ ସ୍ୱୟଂ ସହାୟକ ଗୋଷ୍ଠି ଓ ତାଙ୍କ ପରିବାରର ସଦସ୍ୟ ନିଲାମରେ ସର୍ବୋଚ୍ଚ ମୂଲ୍ୟ ଯାଚିକା ହେଲେ ମଧ୍ୟ ଟେଣ୍ଡର ପାଇବେ ନାହିଁ ।

ହରିଶଙ୍କର ମନ୍ଦିରର ନିଲାମ ହେବାକୁ ଥିବା ଆୟଉସ ର ତାଲିକା(୨୦୨୬-୨୭) ୧ ବର୍ଷ (୦୧/୦୪/୨୦୨୬ ରୁ ୩୧/୦୩/୨୦୨୭)

| କ୍ର.ନଂ. | ଆୟଉସ ର ନାମ | ଧାର୍ଯ୍ୟ ସରକାରୀ ମୂଲ୍ୟ | ଅମାନତ ରାଶି | | ମନ୍ତବ୍ୟ |
|---|---|---|---|---|---|
| | | | ଆବେଦନ ପାଇଁ | ଚୁକ୍ତିନାମା ପୂର୍ବ ରୁ | |
| ୧ | ଅନ୍ନଭୋଗ | ₹୫୩,୧୩,୭୧୦/- | ₹୫,୩୧,୩୭୧/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | ମୂଲ୍ୟ ₹୮୦/-(ଅଶି ଟଙ୍କା) ରେ ଉପଯୁକ୍ତ ମାନର ସରୁ ଅରୁଆ ଚାଉଳ ସମନ ),ବିପିଟି ,ଏଚ ଏମ ଟି (ମୁଗ ଡାଲି) ଖିରି ରେ ବାସମତି ଚାଉଳ ,ଖଟା (ସ୍ୱାଦିଷ୍ଟ ),ତରକାରୀ ଋତୁ ଅନୁଯାୟୀ |
| ୨ | ନଡ଼ିଆ ଓ ସୁଖାଭୋଗ | ₹୩୮,୪୪,୦୫୦/- | ₹୩,୮୪,୪୦୫/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | ମୂଲ୍ୟ ₹୪୦/-(ଚାଳିଶ ଟଙ୍କା)ରେ ନଡ଼ିଆ,ସିନ୍ଦୁର ଦୀପ,ଧୂପକାଠି ରେ ଅନ୍ୟାନ୍ୟ ଖଇଗଜା,ଲଡୁ ଇତ୍ୟାଦି । |
| ୩ | ଚା,ବିସ୍କୁଟ | ₹୧,୦୦,୦୦୦/- | ₹୧୦,୦୦୦/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | |
| ୪ | ମାଳୀ,ଚୁଡ଼ି ଦୋକାନ | ₹୫,୫୦,୦୦୦/- | ₹୫୫,୦୦୦/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | |
| ୫ | ଫଟୋଗ୍ରାଫି | ₹୮,୫୦,୦୦୦/- | ₹୮୫,୦୦୦/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | |
| ୬ | ଟିକସ ଆଦାୟ | ₹୩,୫୦,୦୦୦/- | ₹୩୫,୦୦୦/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | |
| ୭ | ଦୁଇ ଚକିଆ ଯାନର ପାର୍କିଂ ଫି | ₹୧୨,୫୦,୦୦୦/- | ₹୧,୨୫,୦୦୦/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | ଦୁଇ ଚକିଆ-₹୨୦/-(କୋଡ଼ିଏ ଟଙ୍କା) |
| ୮ | ଯାନ ବାହନ ର ପ୍ରବେଶ ଓ ପାର୍କିଂ ଫି (ତିନି ଚକିଆ ଓ ଉର୍ଦ୍ଧ୍ୱ) | ₹୨୦,୦୦,୦୦୦/- | ₹୨,୦୦,୦୦୦/- | ସର୍ବୋଚ୍ଚ ଯାଚିକା ମୂଲ୍ୟର ୧୦% | ତିନି ଚକିଆ-₹୩୦/-(ତିରିଶ ଟଙ୍କା)<br>ଚାରି ଚକିଆ-₹୫୦/-(ପଚାଶ ଟଙ୍କା)<br>ବସ-₹୧୦୦/-(ଏକ ଶହ ଟଙ୍କା) |

ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ଼

ଜ୍ଞାପକ ସଂଖ୍ୟା 1476 ତା 24/03/26 ରିଖ

ଏହାର ଏକକିତା ନକଲ ଦେବୋତ୍ତର କମିଶନର,ଓଡ଼ିଶା,ଭୁବନେଶ୍ୱର /ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର,ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ପାଟଣାଗଡ଼ ଉପଖଣ୍ଡର ସମସ୍ତ ତହସିଲଦାର /ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ,କାର୍ଯ୍ୟନିର୍ବାହୀ ଅଧିକାରୀ ,N.A.C.,ପାଟଣାଗଡ଼ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ ରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ମିଶନ ଶକ୍ତି ,DPC,ବଲାଙ୍ଗିର/C.D.P.O, ପାଟଣାଗଡ଼/ଖପ୍ରାଖୋଲ/ବେଲପଡ଼ାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ନିଜ ଅଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଅବଗତ କରାଇବା ପାଇଁଅନୁରୋଧ କରାଗଲା ।

ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ଼

ଜ୍ଞାପକ ସଂଖ୍ୟା 1477 ତା 24/03/26 ରିଖ

ଏହାର ଏକକିତା ନକଲ District Information Officer, NIC, Balangir ଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ ରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ଼

# ଜଉମୁଦ ଅଭିବ୍ୟକ୍ତି ପ୍ରକାଶନ(Expression of Interest) ନିମନ୍ତେ ଆବେଦନ ଫର୍ମ

## ଆର୍ଥିକ ବର୍ଷ-୨୦୨୬-୨୭(୧ ବର୍ଷ )

୧.ମନ୍ଦିରର ନାମ:-

୨.ଆବେଦନକାରୀ ବ୍ୟକ୍ତି/ସଂସ୍ଥା/ସ୍ୱୟଂ ସହାୟକ ଗୋଷ୍ଠୀ:-

୩. ଗ୍ରାମ:-

୪.ପୋ.ଅ.:-

୫.ଥାନା:-

୬.ସମ୍ପତ୍ତି ର ନାମ:-

୭.ଧାର୍ଯ୍ୟ ସରକାରୀ ମୂଲ୍ୟ:-

୮.ଅମାନତ ଜମା :-

୯.ଡିମାଣ୍ଡ ଡ୍ରାଫ୍ଟ ନମ୍ବର /ତାରିଖ:-

୧୦.ଟେଣ୍ଡର ଆବେଦନ ପାଇଁ ସର୍ବୋଚ୍ଚ ମୂଲ୍ୟ:-

୧୧.ଟେଣ୍ଡର ଆବେଦନ ପାଇଁ ସର୍ବୋଚ୍ଚ ମୂଲ୍ୟ(ଲିଖିତ ଭାବରେ):-

ଘୋଷଣା

ମୁଁ/ଆମ୍ଭେ ................................................................ଗ୍ରାମ............................ପୋ.ଅ......................ଥାନା.......................
ଜିଲ୍ଲା....................ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳୀ କୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଯଥା ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

ଟେଣ୍ଡର ଦାଖଲକାରୀଙ୍କ

ବିଦ୍ର-ଏଥି ସହିତ ବିଜ୍ଞାପନର କ୍ରମିକ ନମ୍ବର ୪ ମୁତାବକ
ଘୋଷଣାନାମା Non-judicial Stamp ସଂଲଗ୍ନ କରାଗଲା।

ଦସ୍ତଖତ:
ମୋ.ନଂ: